# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th November - 2024

### News Editor : *Itishree Singh Rathuar*

**********************************

## ମୁଖ୍ୟ ସମ୍ବାଦ

- ମେଧାବୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ଯୋଗାଇବାପାଇଁ ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମଞ୍ଜୁରି ଦେଲେ କେନ୍ଦ୍ର କ୍ୟାବିନେଟ୍ ।

- ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଖୁବ୍ ଶୀଘ୍ର ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ।

- ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୨୦୨୭ ସୁଦ୍ଧା ଶେଷ ହେବ ବୋଲି କର୍ତ୍ତୃପକ୍ଷଙ୍କ ସୂଚନା ।

ଏବଂ

- ମୋ ବସ୍‌ର ବେଗ ନିୟନ୍ତ୍ରଣ ପାଇଁ ବସ୍‌ଗୁଡ଼ିକରେ ସ୍ପିଡ୍ ଗଭର୍ଣ୍ଣର ଲଗାଯିବାପାଇଁ ନିଷ୍ପତ୍ତି ।

# ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନା

ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ କେନ୍ଦ୍ର କ୍ୟାବିନେଟ୍ ପ୍ରଧାନମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଆଜି ଏ ନେଇ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନା ମାଧ୍ୟମରେ ଉଚ୍ଚଶିକ୍ଷା ଲାଗି ଛାତ୍ରଛାତ୍ରୀମାନେ ବନ୍ଧକମୁକ୍ତ ଋଣର ସୁବିଧା ପାଇପାରିବେ । ଆର୍ଥିକ ପ୍ରତିବନ୍ଧକ ଲାଗି ଯେଭଳି କୌଣସି ଯୁବ ଶିକ୍ଷାର୍ଥୀ ଗୁଣାତ୍ମକ ତଥା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଲାଗି ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜନା କାର୍ଯ୍ୟକାରୀ କରାଯିବ । ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଯୋଜନାରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସାଢ଼େ ସାତ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ । ସେଥିରୁ ୭୫ ପ୍ରତିଶତ ଅର୍ଥର ଗ୍ୟାରେଣ୍ଟି ସରକାର ପ୍ରଦାନ କରିବେ । ଏହି ଯୋଜନା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବେ । ଏହି ଯୋଜନାର ସୁବିଧା ପାଇବା ଲାଗି ଛାତ୍ରଛାତ୍ରୀମାନେ ପି.ଏମ୍. ବିଦ୍ୟାଲକ୍ଷ୍ମୀ ଏକକ ପୋର୍ଟାଲ୍ ମାଧ୍ୟମରେ ଉଚ୍ଚଶିକ୍ଷା ଲାଗି ଋଣ ନିମନ୍ତେ ଆବେଦନ କରିପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

*PIB*

## ଏଫ୍.ସି.ଆଇ. - ଇକ୍ୱିଟି ନିବେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଖାଦ୍ୟ ନିଗମ-ଏଫ୍.ସି.ଆଇ.ରେ ୧୦ ହଜାର ୭୦୦ କୋଟି ଟଙ୍କାର ଇକ୍ୱିଟି ନିବେଶକୁ ଅନୁମୋଦନ ମିଳିଛି । କୃଷିକ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଦେଶବ୍ୟାପୀ କୃଷକଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ।

*IPR*

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ ଖୁବ୍‌ଶୀଘ୍ର କାମଧେନୁ ଯୋଜନା ଏବଂ ପ୍ରାଣୀମଙ୍ଗଳ କାର୍ଯ୍ୟକ୍ରମ ନିମନ୍ତେ ମୁଖ୍ୟମନ୍ତ୍ରୀ 'ପ୍ରାଣୀ କଲ୍ୟାଣ ଯୋଜନା' ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନରେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ୨୩ତମ ସାଧାରଣ ଅଧିବେଶନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ ପ୍ରାଣୀ ପାଳନ ଉଦ୍ୟୋଗ ପ୍ରତିଷ୍ଠାପାଇଁ ଅନେକ ସହାୟତା ଓ ରିହାତିର ବ୍ୟବସ୍ଥା

କରାଯାଇଛି । ପ୍ରାଣୀ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷ ବଜେଟ୍‌ରେ ୬୯୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

## ମେଟ୍ରୋ ପ୍ରକଳ୍ପ

ରାଜଧାନୀ ଭୁବନେଶ୍ୱରରେ ଆସନ୍ତା ୨୦୨୭ ମସିହା ସୁଦ୍ଧା ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ଭୂମିଠାରୁ ୧୩ ମିଟର ଉଚ୍ଚତାରେ ପ୍ରତି ୧୦ ମିନିଟ୍ ବ୍ୟବଧାନରେ ମେଟ୍ରୋ ଚଳାଚଳ କରିବ । ତେବେ ରାଜମହଲ, ଜୟଦେବ ବିହାର, ଓଭର୍‌ବ୍ରିଜ୍ ଏବଂ ବାରଙ୍ଗ ରେଲ ଲାଇନ ଉପରେ ଏହାର ଉଚ୍ଚତା ଅଧିକ ରହିବ । ଏଥିପାଇଁ ୩ କୋଚ୍ ବିଶିଷ୍ଟ ୧୩ଟି ମେଟ୍ରୋ ଟ୍ରେନ୍ କିଣିବାକୁ ଯୋଜନା ରହିଛି । ମେଟ୍ରୋ ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନରେ ୫୦ରୁ ୬୦ ମିଟର ତଳୁ ମାଟି ପରୀକ୍ଷା କରାଯାଉଛି । ମାଟି ପରୀକ୍ଷା ରିପୋର୍ଟ ଆସିବା ପରେ ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହେବ । ମେଟ୍ରୋ ପ୍ରକଳ୍ପ ଲାଗି ଭୁବନେଶ୍ୱର ଘାଟିକିଆରେ କାଷ୍ଟିଂ ୟାର୍ଡ଼ ତିଆରି ଚାଲିଛି । ସେଠାରେ ମେଟ୍ରୋ ରେଳ ଲାଇନ୍ ପାଇଁ କାଷ୍ଟିଂ ଉପକରଣ ତିଆରି ହେବ । ସେହିପରି ତ୍ରିଶୂଳିଆ, ଫୁଲପୋଖରୀ ଓ ରତାଗଡ଼ଠାରେ ମେଟ୍ରୋ ରେଳ ପ୍ରକଳ୍ପ ରକ୍ଷଣାବେକ୍ଷଣ ଡିପୋ ତିଆରି କାର୍ଯ୍ୟ ଜାରି ରହିଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

*PIB*

# ଜୀବନ ପ୍ରମାଣପତ୍ର ଦାଖଲ ଶିବିର

ପେନ୍‌ସନ୍‌ଭୋଗୀ ଜୀବନ ପ୍ରମାଣ ପତ୍ର ଦାଖଲକୁ ସୁବ୍ୟବସ୍ଥିତ କରିବାପାଇଁ ଆସନ୍ତାକାଲି ଭୁବନେଶ୍ୱରର ୭ଟି ସ୍ଥାନରେ ସ୍ୱତନ୍ତ୍ର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ ଶିବିର ଅନୁଷ୍ଠିତ ହେବ । ଏନେଇ ପେନ୍‌ସନ୍ ଓ ପେନ୍‌ସନ୍‌ଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବର୍ତ୍ତମାନ ପେନ୍‌ସନ୍‌ଭୋଗୀମାନେ ସ୍ମାର୍ଟଫୋନ୍‌ରେ ଆଧାରଭିତ୍ତିକ ପ୍ରମାଣୀକରଣ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ । ପୂର୍ବରୁ ପେନ୍‌ସନ୍‌ଭୋଗୀମାନଙ୍କୁ ଏଥିପାଇଁ ପେନ୍‌ସନ୍ ବିତରଣ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା । ଅତ୍ୟଧିକ ବୟସ୍କ କିମ୍ବା ଭିନ୍ନକ୍ଷମ ପେନ୍‌ସନ୍‌ଭୋଗୀଙ୍କ କ୍ଷେତ୍ରରେ ସେମାନଙ୍କ ଗୃହରେ ଏହି ସେବା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି । ଚଳିତ ମାସ ପହିଲାରୁ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିଥିବା ଏହି ଅଭିଯାନର ତୃତୀୟ ପର୍ଯ୍ୟାୟକୁ ଦେଶର ୮ ଶହଟି ସ୍ଥାନରେ ଆୟୋଜନ କରାଯାଉଛି ।

*BBSR/R*

# ମୋ ବସ୍‌ର ବେଗ

ସହର ଭିତରେ ଚାଲୁଥିବା 'ମୋ ବସ୍'ର ବେଗ ନିୟନ୍ତ୍ରଣପାଇଁ ନିଷ୍ପତ୍ତି ନିଆଯାଇଛି । ଏ ସମ୍ପର୍କରେ ନଗର ଉନ୍ନୟନ ଓ ପରିବହନ ମନ୍ତ୍ରୀ କୃଷ୍ଣଚନ୍ଦ୍ର

ପାତ୍ର କହିଛନ୍ତି, ସହର ଭିତରେ ଚାଲୁଥିବା ମୋ ବସ୍ ଘଣ୍ଟାପ୍ରତି ୪୦ କିଲୋମିଟର ବେଗରେ ଚଳାଚଳ କରିବ । ସହର ବାହାରକୁ ଯାଉଥିବା ବସ୍‌ର ସର୍ବାଧିକ ବେଗ ୫୦ କିଲୋମିଟର ରହିବ । ଦୁର୍ଘଟଣାକୁ ଏଡ଼ାଇବା ଲାଗି ବସ୍‌ଗୁଡ଼ିକର ବେଗ ନିୟନ୍ତ୍ରଣ ପାଇଁ ସ୍ପିଡ୍ ଗଭର୍ଣ୍ଣର ଲଗାଯିବ । ଚାଳକ ୪୦ କିଲୋମିଟରରୁ ଅଧିକ ବେଗରେ ବସ୍ ଚଳାଇଲେ ସାଇରନ୍ ବାଜିବ ଏବଂ ଅପରେଟରଙ୍କ ନିକଟକୁ ସୂଚନା ଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

***Kandhamal/R***

# ଆମ୍ବ ଟାକୁଆ ଖାଇ ମୃତ୍ୟୁ

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିଠାରେ ଆମ୍ବଟାକୁଆ ଜାଉ ଖାଇ ୨ ମୃତ ଓ ୬ ଅସୁସ୍ଥ ଘଟଣାର ଆର୍.ଡି.ସି. ସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ଆଜି ପୂର୍ବାହ୍ନରେ ମାଣ୍ଡିପଙ୍କା ଗାଁରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୁପା ରୋଶନ ସାହୁ ତଦନ୍ତ କରି ବ୍ରହ୍ମପୁର ଫେରିଯାଇଛନ୍ତି । ଆର୍.ଡି.ସି.ଙ୍କ ସହିତ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏବଂ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଆର୍.ଡି.ସି. ଶ୍ରୀମତୀ ସାହୁ କହିଛନ୍ତି :

***Voice :...........***

ସୂଚନାଯୋଗ୍ୟ, ୬ ଜଣ ଅସୁସ୍ଥ ବର୍ତ୍ତମାନ ବ୍ରହ୍ମପୁର ଏମ୍.କେ.ସି.ଜି. ଏବଂ କଟକ ଏସ୍.ସି.ବି. ମେଡିକାଲ ଓ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି ।

*IPR*

## ଟାଇଟାନିୟମ୍ ସ୍ଲାଗ୍

ଦେଶରେ ଟାଇଟାନିୟମ୍ ସ୍ଲାଗ୍ ଉତ୍ପାଦନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଭାରତ ଓ କାଜାଖସ୍ତାନ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ଏହା ମାଧ୍ୟମରେ ଉତ୍ପାଦିତ ସାମଗ୍ରୀକୁ ରପ୍ତାନୀ କରାଯିବା ସହ ବିମାନ ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ବ୍ୟାପକତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଏଥିପାଇଁ କଞ୍ଚାମାଲ୍ ଓଡ଼ିଶା ଯୋଗାଇବ । ଏହାଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

*Desk*

## ଓ.ଏ.ଏସ୍. ପ୍ରିଲିମ୍

ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି. ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା - ଓ.ଏ.ଏସ୍. ପ୍ରିଲିମ୍ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯାଇଛି । ଆସନ୍ତା ଡିସେମ୍ବର ମାସ ୧୫ ତାରିଖ ରବିବାର ଦିନ ପ୍ରିଲିମ୍ ପରୀକ୍ଷା ହେବ । ସୂଚନା ଅନୁସାରେ, ପୂର୍ବରୁ ଓ.ଏ.ଏସ୍. ପ୍ରିଲିମ୍ ପରୀକ୍ଷା ପାଇଁ ଗତ ଅକ୍ଟୋବର ମାସ ୨୭ ତାରିଖ ଦିନ ଧାର୍ଯ୍ୟ କରାଯାଇଥିଲା ।

ତେବେ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ଏହାପରେ ଡିସେମ୍ବର ପହିଲାରେ ପରୀକ୍ଷା ହେବ ବୋଲି ନିଷ୍ପତ୍ତି ହୋଇଥିଲା ।

***Desk***

## ଚାଷୀ ସମାବେଶ

ବରଗଡ଼ ଜିଲ୍ଲାର ସୋହେଲାରେ ଆଗାମୀ ଦିନରେ ଚାଷୀ ସମାବେଶ ହେବ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ରାଜ୍ୟସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ରାଜ୍ୟରେ ଖରିଫ୍ ଧାନ କିଣା ନେଇ ମନ୍ତ୍ରୀ କହିଛନ୍ତି, ଜିଲ୍ଲାଗୁଡ଼ିକରେ ଏ ସମ୍ପର୍କରେ ବୈଠକରେ ନିଷ୍ପତ୍ତି ହେବ । ଧାନ କିଣାଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଜମାଖାତାକୁ ଟଙ୍କା ପଠାଯିବ । ଚାଷୀ ଧାନ କୁଇଣ୍ଟାପିଛା ୩ ହଜାର ୧୦୦ ଟଙ୍କା ପାଇବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

***Sambalpur, Ganjam/R***

## ଧାନସଂଗ୍ରହ

ସମ୍ବଲପୁର ଜିଲ୍ଲାରେ ଆସନ୍ତା ୨୨ ତାରିଖରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନ ସଂଗ୍ରହ କରାଯିବ । ଏନେଇ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ

ଆଜି ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ସମ୍ବଲପୁର ସଦର ଅଞ୍ଚଳରେ ଆସନ୍ତା ୨୨ ତାରିଖ, କୁଚିଣ୍ଡା ଓ ରେଢ଼ାଖୋଲରେ ୨୭ ତାରିଖରେ ଧାନ ସଂଗ୍ରହ ହେବାନେଇ ନିଷ୍ପତ୍ତି ହୋଇଛି । ଚଳିତ ବର୍ଷ ଜିଲ୍ଲାରେ ୫୯ ହଜାର ୮୯୫ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୧୨୯ଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ ।

ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସଭାଗୃହରେ ଧାନସଂଗ୍ରହକୁ ନେଇ ଆଭାସୀ ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଧାନକ୍ରୟ ପୂର୍ବରୁ ସମସ୍ତ ମଣ୍ଡିରେ ଆନୁଷଙ୍ଗିକ ବ୍ୟବସ୍ଥା ଓ ଭିତ୍ତିଭୂମିର ଯାଞ୍ଚ୍ ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଧାନକିଣାରେ କଟନୀ ଛଟନୀ ବନ୍ଦ୍ ପାଇଁ ପ୍ରତି ମଣ୍ଡି ଦାୟିତ୍ୱରେ ଜଣେ ଲେଖାଏଁ ନୋଡାଲ ଅଫିସର ରହିବେ । ଚଳିତ ବର୍ଷ ଜିଲ୍ଲାରେ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ଧାନ ବିକ୍ରୟପାଇଁ ପଞ୍ଜୀକରଣ କରିଛନ୍ତି ।

***Sambalpur/R***

# ହାତୀମୃତ୍ୟୁ

ସମ୍ବଲପୁର ସଦର ରେଞ୍ଜ୍ ବସିଆପଡ଼ା ସେକ୍ସନ କୁମେର ବିଟ୍ ଅଧୀନ ପିପଲଖୁଲିଆ ନିକଟରେ ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି । ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ହାତୀମୃତ୍ୟୁର ଅନୁଧ୍ୟାନ

କରୁଛନ୍ତି । ତେବେ ଦୁଇ କିମ୍ବା ତିନି ଦିନ ପୂର୍ବରୁ ହାତୀଟିର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

***Balangir/R***

## ଜଳଉତ୍ସବ

ବଲାଙ୍ଗିର ସହରରେ ପୌର ପରିଷଦ ପକ୍ଷରୁ ମହାରାଣୀ ସାଗରରେ ଜଳ ଉତ୍ସବ ପାଳନ କରାଯାଉଛି । ଏହାକୁ ପୌର ଅଧ୍ୟକ୍ଷା ଲିକା ସାହୁ ଉଦ୍‌ଘାଟନ କରିଛନ୍ତି । ଏହି ଉତ୍ସବ ୧୫ ଦିନ ଧରି ଚାଲିବ । ଜିଲ୍ଲାରେ ଜଳ ସଂରକ୍ଷଣ ଓ ପଙ୍କୋଦ୍ଧାର ନେଇ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଉତ୍ସବ ପାଳନ କରାଯାଉଛି ।

*****